# ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ

* * *

ଛଉ ନୃତ୍ୟ, ନୃତ୍ୟ ଓ ସଂଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ ୨୦୧୧-୧୨ ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନ ଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନିବର୍ଷ ପୂର୍ବରୁ ପଞ୍ଜିକୃତ ହୋଇଥିବା ଆବଶ୍ୟକ। ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନିବର୍ଷ କାର୍ଯ୍ୟକରୁଥିବା କାର୍ଯ୍ୟ ବିବରଣୀ ଦେବେ। ଏହି କାର୍ଯ୍ୟ କରିବା ନିମନ୍ତେ ସଂପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଉଲ୍ଲେଖ ଥିବା ଆବଶ୍ୟକ। ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି- "ରଙ୍ଗମଞ୍ଚ ଓ ନାଟକର ଉନ୍ନତି ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ"। ଦରଖାସ୍ତ ଗୁଡ଼ିକ ସଂପୃକ୍ତ ବିବରଣୀ ସହ ନିମ୍ନ ଠିକାରେ ତା ୩୧.୦୫.୨୦୧୧ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ରାଜ୍ୟ ସରକାରଙ୍କ ପ୍ରଣୀତ କରିଥିବା ଆଇନ୍ (Grant-in-Aid Rules-1973) (Amendment in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରୀର ଆଶ୍ରୟ ନିଆଯାଇ ପାରିବନାହିଁ।

ନିର୍ଦ୍ଦେଶକ,
ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧ ୦୧୪।

# ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଛଉ ନୃତ୍ୟ, ନୃତ୍ୟ ଓ ସଂଗୀତ ବିଦ୍ୟାଳୟ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ ଫର୍ମ।

* * *

| | | |
|---|---|---|
| ୧. | (କ) ଅନୁଷ୍ଠାନର ନାମ ଓ ଠିକଣା | : |
| | (ଖ) ଅନୁଷ୍ଠାନର ଦୈନିକ କାର୍ଯ୍ୟନିର୍ଘଣ୍ଟ | : |
| ୨. | କେଉଁ ବର୍ଷ ପ୍ରତିଷ୍ଠିତ ହୋଇଛି | : |
| ୩. | ଅନୁଷ୍ଠାନର ରେଜେଷ୍ଟ୍ରିଭୁକ୍ତ ହୋଇଥିଲେ ସେହି ଦଲିଲ୍‌ର ସହି ମୋହର ନକଲ ସାମିଲ କରିବାକୁ ହେବ । ଏଥି ସହିତ ସଭ୍ୟମାନଙ୍କର ତାଲିକା ଦିଆଯିବା ଆବଶ୍ୟକ | : |
| ୪. | ଗତ ତିନି ବର୍ଷ ମଧ୍ୟରେ ମିଳିଥିବା ସାହାଯ୍ୟର ବିବରଣୀ (ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରୁ) | : |
| ୫. | ପୂର୍ବ ବର୍ଷ ମାନଙ୍କରେ ମିଳିଥିବା ଆର୍ଥିକ ସାହାଯ୍ୟର ହିସାବ ସମୀକ୍ଷା (ଅଡ଼ିଟ୍ ହୋଇଛି କି ନାହିଁ) | : |
| ୬. | ବର୍ତ୍ତମାନ ଯେଉଁ କାର୍ଯ୍ୟପାଇଁ ଆର୍ଥିକ ସାହାଯ୍ୟ ମଗାଯାଉଛି, ତାହାର ବିବରଣୀ | : |
| ୭. | ଉକ୍ତ କାର୍ଯ୍ୟପାଇଁ ଦରକାର ହେଉଥିବା ମୋଟ ଖର୍ଚ୍ଚର ଅଟକଳ | : |
| ୮. | ଅନୁଷ୍ଠାନର ଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ତାଲିକା ଓ ତାହାର ତତ୍ତ୍ୱାବଧାନକାରୀଙ୍କ ଠିକଣା ଦେବା ଆବଶ୍ୟକ | : |
| ୯. | ମୋଟ ଅଟକଳ ଖର୍ଚ୍ଚର ସରକାରଙ୍କ ଠାରୁ ଚାହୁଁଥିବା ସାହାଯ୍ୟର ପରିମାଣ ଓ ସଂଘ ପାଣ୍ଠି ବିନିଯୋଗ କରିବା ଅର୍ଥର ପରିମାଣ | : |
| ୧୦. | ମୋଟ୍ ଖର୍ଚ୍ଚର ଶତକଡ଼ା ୫୦ ଭାଗ ସଂଘ ପାଣ୍ଠିରୁ ମିଳିପାରିବ କି ନାହିଁ, ଯଦି ନୁହେଁ ତେବେ କାହିଁକି ? | : |
| ୧୧. | ଚଳିତ ବର୍ଷର ଆର୍ଥିକ ସାହାଯ୍ୟ ପାଇଁ ଅନ୍ୟ କୌଣସି ବିଭାଗକୁ ଆବେଦନ କରିଥିଲେ ବା ସାହାଯ୍ୟ ପ୍ରାପ୍ତ ହୋଇଥିଲେ ତାହାର ବିବରଣୀ | : |
| ୧୨. | ଦରଖାସ୍ତ ସହିତ ସାମିଲ କରିବା ଦଲିଲ୍‌ର ବିବରଣୀ | : |

(କ) ଗତ ତିନି ବର୍ଷର ଆୟବ୍ୟୟ ହିସାବ (ଖ) ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇଥିବା ଯାଞ୍ଚ ହିସାବର ଅବିକଳ ନକଲ (ଗ) ଗତ ବର୍ଷରେ ସଂଘ ତରଫରୁ ଅନୁଷ୍ଠିତ ହୋଇଥିବା କେବଳ ସାଂସ୍କୃତିକ କାର୍ଯ୍ୟକ୍ରମର ବିବରଣୀ (ଘ) ଅନୁସୃତ ସମ୍ବିଧାନର ଏକକିତା ନକଲ (ଙ) ଅନୁଷ୍ଠାନର ଗତ ସାଧାରଣ ସଭାରେ ଗୃହୀତ ହୋଇଥିବା ବ୍ୟବସ୍ଥାର ବିବରଣୀ (ଚ) ଚଳିତ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଆୟ ବ୍ୟୟ ଅଟକଳର ନକଲ (ଛ) ଅନୁଷ୍ଠାନର ଯେଉଁ କର୍ମକର୍ତ୍ତାଙ୍କ ସପକ୍ଷରେ ଆର୍ଥିକ ସାହାଯ୍ୟ ମଞ୍ଜୁର କରାଯିବ ତାଙ୍କ ସାକ୍ଷରର ସହି ମୋହର ନକଲ ସ୍ୱ ସୂଚନା ଅଧିକାର ଆଇନ୍ ୨୦୦୫ ଅନୁଯାୟୀ ସଂପୃକ୍ତ ସଂସ୍ଥାର ସୂଚନା ଅଧିକାରୀ, ସହସୂଚନା ଅଧିକାରୀ ଏବଂ ଅପିଲ୍ ଅଧିକାରୀଙ୍କ ନାମ ତାଲିକା ପ୍ରଦାନ (ଝ) ଛଉନୃତ୍ୟ ଏବଂ ନୃତ୍ୟ ସଂଗୀତ ବିଦ୍ୟାଳୟ ଅନୁଷ୍ଠାନ ପାଇଁ ଆବେଦନ କରୁଥିବା ଅନୁଷ୍ଠାନ ମାନେ ନୃତ୍ୟଗୁରୁଙ୍କ ନାମ ଓ ଠିକଣା, ବୟସ, ମାସିକ ପାରିଶ୍ରମିକ ଇତ୍ୟାଦିର ବିବରଣୀ (ଞ) ନୃତ୍ୟ ସଂଗୀତ, ଛଉନୃତ୍ୟର କେଉଁ କେଉଁ ବିଭାଗରେ ଶିକ୍ଷା ଦିଆଯାଉଛି, ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଏବଂ ଗୁରୁଙ୍କର ନାମ, ଠିକଣା । ପୂର୍ବ ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କ ବିବରଣୀ, ସହବନ୍ଧନ ହୋଇଥିବା ସଂସ୍ଥାର ଠିକଣା ।

**ଦରଖାସ୍ତକାରୀଙ୍କ ସାକ୍ଷର**